ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ,
ଘଟଗାଁ, କେନ୍ଦୁଝର ।

# ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ସୂଚନା

## ଆବେଦନ ପତ୍ର ପହଁଞ୍ଚିବାର ଶେଷ ତାରିଖ- ତା.୩୧.୦୮.୨୦୨୫ରିଖ

**ନିୟମାବଳୀ:-**

୧- ଓଡିଶା ହିନ୍ଦୁ ଦେବୋତ୍ତର ଆଇନ୍ ଅନୁସାରେ ଆବେଦନକାରୀ ହିନ୍ଦୁ ସମ୍ପ୍ରଦାୟର ହୋଇଥିବା ଆବଶ୍ୟକ । ଟ୍ରଷ୍ଟବୋର୍ଡରେ ନିଯୁକ୍ତ ଥିବା ସଦସ୍ୟଙ୍କର କୌଣସି ସଂପର୍କୀୟ ହୋଇନଥିବେ ।

୨- ଆବେଦନ ଫର୍ମ ମା' ତାରିଣୀ ମନ୍ଦିର ଟ୍ରଷ୍ଟର ୱେବସାଇଟ୍ -www.maatarini.co.in ରୁ ଡାଉନଲୋଡ୍ କରି ସେହି ଫର୍ମରେ ଆବେଦନ କରିବେ ।

୩- **ଶିକ୍ଷାଗତ ଯୋଗ୍ୟତା** – (କ) ନଡିଆ ବୋହିବା ଯାନ ଓ ଆମ୍ବୁଲାନସ ଯାନ ଡ୍ରାଇଭର - ଦଶମ ପାସ୍ ଓ ତଦୁର୍ଦ୍ଧ ।
(ଖ) Multi-Purpose Health Worker (MPHW) - ANM/GNM/Pharmacist.

୪- **ବୟସ ସୀମା** - ତା.୦୧.୦୮.୨୦୨୫ରିଖ ସୁଦ୍ଧା ବୟସ ୨୧ ରୁ ୩୬ବର୍ଷ ହୋଇଥିବା ଆବଶ୍ୟକ ।

୫- **ଦରମା** – (କ) ନଡିଆ ବୋହିବା ଯାନ ଓ ଆମ୍ବୁଲାନସ ଯାନ ଡ୍ରାଇଭର – ଟ.୧୦,୦୦୦/- (ମାସିକ)
(ଖ) Multi-Purpose Health Worker (MPHW)– ଟ.୧୦,୦୦୦/- (ମାସିକ)

୬- **କାର୍ଯ୍ୟର ବିବରଣୀ** – (କ) ନଡିଆ ବୋହିବା ଯାନ ଡ୍ରାଇଭର – ଓଡିଶାର ବିଭିନ୍ନ ସ୍ଥାନରେ ଥିବା ମା' ତାରିଣୀଙ୍କର ମାନସିକ ନଡିଆ ହୁଣ୍ଡିରୁ ନଡିଆ ସଂଗ୍ରହ କରିବେ ଓ ମା' ତାରିଣୀଙ୍କର ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କରିବେ ।
(ଖ) ଆମ୍ବୁଲାନସ୍ ଡ୍ରାଇଭର ଓ Multi-Purpose Health Worker (MPHW)– ମନ୍ଦିର ପରିସରରେ ଆକସ୍ମିକ ଦୈବି ଦୁର୍ବିପାକରେ ସହାୟତା, ମା' ତାରିଣୀଙ୍କର ଦର୍ଶନଧାରୀ ଭକ୍ତଙ୍କୁ ଅଂଶୁଘାତ ଜନିତ ସହାୟତା ଓ ଆମ୍ବୁଲାନ୍ସରେ କାର୍ଯ୍ୟ କରିବା ସହିତ ମା' ତାରିଣୀଙ୍କର ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କରିବେ ।

୭- ନଡିଆ ବୋହିବା ଯାନର ଡ୍ରାଇଭର ପଦବୀ ପାଇଁ ଆବେଦନକାରୀଙ୍କର Heavy Goods Carriage Driving Licence ୫ବର୍ଷ ପୂର୍ବରୁ ଥିବା ସହିତ ୫ବର୍ଷର Driving Experience Certificate ଥିବା ଆବଶ୍ୟକ ।

୮- ଆମ୍ବୁଲାନସ ଡ୍ରାଇଭର ପଦବୀ ପାଇଁ ଆବେଦନକାରୀଙ୍କର Driving Licence ସହିତ ୨ ବର୍ଷର ଆମ୍ବୁଲାନସ ଚଳାଇ ଥିବାର ଅଭିଜ୍ଞତା ପ୍ରମାଣ ପତ୍ର ଥିବା ଆବଶ୍ୟକ ।

୯- ଆବେଦନକାରୀ ନିଯୁକ୍ତି ପାଇ ସାରିବା ପରେ ୨ବର୍ଷ ପର୍ଯ୍ୟନ୍ତ ପ୍ରୋବେସନ ପିରିୟଡ୍ ରହିବ । ପ୍ରୋବେସନ ପିରିୟଡ୍ ପରେ କାର୍ଯ୍ୟ ଦକ୍ଷତାକୁ ଆଧାର କରି ତାଙ୍କୁ ନିୟମିତ କରାଯିବ ।

୧୦- ଆବେଦନକାରୀ ଆବେଦନ କରୁଥିବା ପଦବୀର ନାମ ଲଫାପା ଉପରେ ସ୍ପଷ୍ଟ ଭାବେ ଲେଖି Regd. Post/Speed Post ମାଧମରେ **କାର୍ଯ୍ୟନିର୍ବାହୀ ଅଧିକାରୀ, ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର, ପିନ୍-୭୫୮୦୨୭** ଠିକଣାରେ ପଠାଇବେ ।

୧୧- ତା.୩୧.୦୮.୨୦୨୫ରିଖ ସୁଦ୍ଧା ଆବେଦନ ପତ୍ର ପହଁଞ୍ଚିବା ଆବଶ୍ୟକ, ଏହା ପରେ ଆବେଦନ ପତ୍ର ପହଁଞ୍ଚିଲେ ତାହା ଗ୍ରହଣଯୋଗ୍ୟ ହେବ ନାହିଁ ।

୧୨- ଆବେଦନକାରୀ କୌଣସି ମାଦକ ଦ୍ରବ୍ୟ ସେବନ କରୁନଥିବେ । ଆବଶ୍ୟକ ସ୍ଥଳେ ମନ୍ଦିରର ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବେ ।

୧୩-ଆବେଦନକାରୀ ଚୟନ ହେଲେ ନିଯୁକ୍ତି ପୂର୍ବରୁ Police verification ସାର୍ଟିଫିକେଟ୍, ସ୍ଥାନୀୟ ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ସତ୍ୟପାଠ ଓ ମାଦକ ଦ୍ରବ୍ୟ ସେବନ କରୁ ନଥିବାର ଡାକ୍ତରୀ ସାର୍ଟିଫିକେଟ୍ ଦାଖଲ କରିବେ ।

୧୪- ଆବେଦନକାରୀ ଆବେଦନ ସମୟରେ ଆବେଦନ ପତ୍ର ସହିତ ଶିକ୍ଷାଗତ ପ୍ରମାଣ ପତ୍ର, ଜନ୍ମ ପ୍ରମାଣ ପତ୍ର, ଜାତିଗତ ପ୍ରମାଣ ପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର, ଅଭିଜ୍ଞତା ପ୍ରମାଣ ପତ୍ର, Vote ID ଓ Aadhaar Cardର ଜେରକ୍ସ କପି ସଂଯୁକ୍ତ କରିବେ ।

୧୫- ଟ୍ରଷ୍ଟବୋର୍ଡ ଚାହିଁଲେ ଏହି ନିଯୁକ୍ତିକୁ ଯେ କୌଣସି ସମୟରେ ନାକଚ କିମ୍ବା ପରିବର୍ତ୍ତନ କରିପାରିବେ ।

(Signature) 11/8/2025

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର ।

ପାସ୍‌ପୋର୍ଟ
ସାଇଜ୍‌ର ଫଟୋ
ସଂଲଗ୍ନ କରନ୍ତୁ ।

ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର ।

## ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ଆବେଦନ ଫର୍ମ

୧. ଆବେଦନ କରୁଥିବା ପଦବୀର ନାମ –...........................................................................................

୨. ଆବେଦନକାରୀଙ୍କ ସମ୍ପୂର୍ଣ୍ଣ ନାମ –...........................................................................................

୩. ପିତାଙ୍କ ନାମ –..................................................... ମାତାଙ୍କ ନାମ –..................................................

୪. ଜନ୍ମ ତାରିଖ - | | | | | | | | | ବୟସ.............................................................

୫. ଜାତି -.................................... ଉପଜାତି-..................................... ଧର୍ମ-.......................................

୬. ବିବାହିତ/ଅବିବାହିତ-......................................................................................................

୭. ସମ୍ପୂର୍ଣ୍ଣ ଠିକଣା – ସା-.............................................. ପୋ.ଅ.-......................................................

ଭାୟା-............................................ ଜିଲ୍ଲା-.....................................................

ପିନ୍-.......................................... ମୋବାଇଲ୍ ନଂ –.........................................

୮. ଶିକ୍ଷାଗତ ଯୋଗ୍ୟତା –

| କ୍ର.ନଂ. | ଶିକ୍ଷାଗତ ଯୋଗ୍ୟତା | ବିଦ୍ୟାଳୟ/ମହାବିଦ୍ୟାଳୟ | ଉତ୍ତୀର୍ଣ୍ଣ ମସିହା | ସମ୍ପୂର୍ଣ୍ଣ ନମ୍ବର | ପ୍ରାପ୍ତ ନମ୍ବର | ପ୍ରାପ୍ତ ନମ୍ବର % |
|---|---|---|---|---|---|---|
| ୧. | ମାଟ୍ରିକ୍ | | | | | |
| ୨. | +୨ | | | | | |
| ୩. | +୩ | | | | | |
| ୪. | A.N.M./G.N.M./ PHARMACIST | | | | | |
| ୫. | D.L.Certificate | | | | | |
| ୬. | Experience Certificate | | | | | |

### ଘୋଷଣା

ମୁଁ ଶ୍ରୀ....................................................... ଘୋଷଣା କରୁଅଛି ଯେ, ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ । ଏଥିରେ ଭବିଷ୍ୟତରେ କିଛି ତ୍ରୁଟି ପରିଲକ୍ଷିତ ହେଲେ ନିଯୁକ୍ତିଦାତା ମୋ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।

11/8/2025
EXECUTIVE OFFICER
MAA TARINI THAKURANI TEMPLE TRUST
GHATGAON, KEONJHAR

ଆବେଦନକାରୀଙ୍କ ସମ୍ପୂର୍ଣ୍ଣ ସାକ୍ଷର